POSHAN Abhiyaan
PM's Overarching Scheme for Holistic Nourishment
सही पोषण - देश रोशन

सत्यमेव जयते


Towards a new dawn

# ଏହି ମାସିକ ବୈଠକ କାହିଁକି ?



ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ
ଭାରତ ସରକାର, ୨୦୧୮

୧





# ଗୋଟିଏ ଶିଶୁ ଜନ୍ମର କାହାଣୀ

ବୁଝାନ୍ତୁ, ଆମେ ଗୋଟିଏ କାହାଣୀ ମାଧ୍ୟମରେ ଏହି ବୈଠକର ଉଦ୍ଦେଶ୍ୟ ବୁଝିବା ଆରମ୍ଭ କରିବ ।

କାହାଣୀକୁ ପଢ଼ନ୍ତୁ (ଡାହାଣରେ ଦିଆଯାଇଛି) ଆଲୋଚନା ଆରମ୍ଭ ନିମନ୍ତେ ଏହି କାହାଣୀ ସମସ୍ତଙ୍କୁ ଶୁଣାନ୍ତୁ ।

ଅଂଶଗ୍ରହଣକାରୀଙ୍କ ସହ ପ୍ରାଞ୍ଜଳ ଭାବେ କାହାଣୀଟିକୁ ଆଲୋଚନା କରନ୍ତୁ ଏବଂ ଏମାନଙ୍କ ଜୀବନ ସହ ଉଦାହରଣ ନେଇ କାହାଣୀର ମହତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରନ୍ତୁ ।

ପଚ଼ରନ୍ତୁ :

ଆମ୍ଭମାନଙ୍କ ମଧ୍ୟରୁ କେହି କାଜଲ ପରି ମାତୃମୃତ୍ୟୁ ଦେଖିଛନ୍ତି ଯାହା ପ୍ରସବ ସମୟରେ କିମ୍ୱା ପ୍ରସବ ଜନିତ କାରଣରୁ ହୋଇଛି କି ?

ଆମ୍ଭମାନଙ୍କ ମଧ୍ୟରୁ କେହି ଲୈଲା ପରି ଶିଶୁ ମୃତ୍ୟୁ ଦେଖିଛନ୍ତି ?

ଅଂଶଗ୍ରହଣକାରୀମାନଙ୍କୁ ନିଜର ଅନୁଭବ ଅନୁଯାୟୀ କାରଣକୁ ବ୍ୟାଖ୍ୟା କରିବାକୁ ଦିଅନ୍ତୁ ।

ପଚ଼ରନ୍ତୁ ଆଉ କିଛି :

ଅଂଶଗ୍ରହଣୀକାରୀମାନଙ୍କ ଦ୍ୱାରା ବର୍ଣ୍ଣିତ ମୃତ୍ୟୁ ଏବଂ ପୁଷ୍ଟିହୀନତାର କାରଣକୁ ଗୋଟିଏ କାଗଜରେ ତାଲିକା କରନ୍ତୁ ଯଦି ସେମାନେ ବିଭିନ୍ନ କାରଣ ମଧ୍ୟରେ ଦାରିଦ୍ର୍ୟ ଏବଂ ନିମ୍ନ ସମାଜିକ ସ୍ଥିତି ଉଲ୍ଲେଖ କରିନାହାନ୍ତି ତେବେ ପଚ଼ରନ୍ତୁ ।

ଯଦି ପରିବାର ଶିକ୍ଷିତ ଏବଂ ସମୃଦ୍ଧ ହୋଇଥାଆନ୍ତି, ଏପରି ହୋଇଥାଆନ୍ତା କି ? ଏପରି ପରିସ୍ଥିତିରେ ସେମାନେ କ'ଣ  କରିଥାଆନ୍ତେ ?

**କାହାଣୀ :**

ଏହି କାହାଣୀ ରାହୁଲ୍ ଏବଂ କାଜଲ୍ଙ୍କର ଯେଉଁ ମାନେ ଆମ ପରି ଗୋଟିଏ ଗାଁରେ ରହୁଥିଲେ । ରାହୁଲ ଏବଂ କାଜଲଙ୍କ ବିବାହ ତିନି ବର୍ଷ ହୋଇଯାଇଥିଲା । ରାହୁଲର ପ୍ରଥମ ଝିଅ ସୀମା ବର୍ତ୍ତମାନ ଦୁଇ ବର୍ଷର । ଯେତେବେଳେ ସୀମା ଏକ ବର୍ଷରୁ ଟିକିଏ ବଡ ଥିଲା ସେତେବେଳେ କାଜଲ ତାର ପୁଅକୁ ଜନ୍ମ ଦେଲା ।


ଲାଲା ଘରେ ଜନ୍ମ ହୋଇଥିଲା । ଅଗ୍ରନକ ବିଳମ୍ବିତ ରାତ୍ରୀରେ କାଜଲର ତୀବ୍ର ବ୍ୟଥା ହୋଇଥିଲା । କୌଣସି ପ୍ରକାରେ ରାହୁଲ୍ର ମାଆ ଏବଂ ପଡୋଶିନୀ ଶିଶୁକୁ ଘରେ ଜନ୍ମ କରାଇଥିଲେ ।


ଲାଲାର ଜନ୍ମରେ ଘରେ ଅତ୍ୟନ୍ତ ଖୁସି ଥିଲା ଯାହା ହେଲେ ବି ପ୍ରଥମ ପୁଅ । କିନ୍ତୁ ଏହି ଖୁସି କିଛି ସମୟ ପରେ ଦୁଃଖରେ ପରିଣତ ହେଲା । ଧିରେ ଧିରେ କାଜଲର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାକୁ ଲାଗିଲା ଏବଂ ପ୍ରସବପରେ ତାର ରକ୍ତସ୍ରାବ ବନ୍ଦ ହେଲା ନାହିଁ ସେତେବେଳେ ଦୁଃର୍ଭାଗ୍ୟ ବଶତଃ ଉତ୍ସବ ଚିନ୍ତାରେ ପରିଣତ ହେଲା । ରାହୁଲ ଗାଁ ନିକଟତମ ଡାକ୍ତରଖାନା ଅତିକମ୍ରେ ତିନିଘଣ୍ଟା ଦୂର ଥିଲା । ଏଣୁ ଭୟରେ ପାଖ ଗାଁରୁ ଧାଇକୁ ଆଣିବା ପାଇଁ ନିଷ୍ପତି ନେଲେ । ସେ କିନ୍ତୁ ସକାଳୁ ଆସି ପହଞ୍ଚିଲା ଯାହା ଅତି ଡେରି ହୋଇଯାଇଥିଲା କାରଣ ତା'ପରେ କାଜଲ ବହୁତ ଦୁର୍ବଳ ହେବାକୁ ଲାଗିଲା ଏବଂ ପରିଶେଷରେ ସେହିଦିନ କାଜଲ ମୃତ୍ୟୁବରଣ କଲା ।


ରାହୁଲ୍ ଏବଂ ତାଙ୍କ ପରିବାର ବହୁତ କଷ୍ଟ ପାଇଲେ । କାଜଲର ମୃତ୍ୟୁ ପରେ ଲାଲା ବହୁତ ହଇରାଣ ହେଲା ସେହି ଦିନଠାରୁ ତା'ର ଉପଯୁକ୍ତ ଯତ୍ନ ନେବା ପାଇଁ କେହି ନଥିଲେ । ତା ଜେଜେ ମା' ତାକୁ ଛେଳିକ୍ଷୀର ଦେଇ ବଢ଼ାଇବା ପାଇଁ ଚେଷ୍ଟା କଲା ଏବଂ ବେଳେବେଳେ ତାକୁ ପାଣି ମଧ୍ୟ ପିଆଇଲା (କିନ୍ତୁ ଲାଲା ରୋଗାକ୍ରାନ୍ତ ହେବା ଆରମ୍ଭ କଲା) । କେତେବେଳେ ଜ୍ୱର ତ କେତେବେଳେ ତରଳଝାଡାରେ ଆକ୍ରାନ୍ତ ହେଲା । ତାର ଓଜନ କମିବାରେ ଲାଗିଲା । ନିଜ ମା'କୁ ହରାଇବାର ପାଖାପାଖି ଏକମାସ ପରେ ଲାଲା ବି ଶେଷ ନିଶ୍ୱାସ ତ୍ୟାଗ କଲା । ବର୍ତ୍ତମାନ ଏକ ବର୍ଷପରେ ସୀମାର ଦେଖାଶୁଣା କରିବା ପାଇଁ କେହି ନାହାନ୍ତି । ସୀମା ଦୁର୍ବଳ ହେବାକୁ ଲାଗିଲା । ସବୁ ବେଳେ ଅସୁସ୍ଥ ହେଲା ଆମେ ଯାହକୁ ଅତିଶୟ ପୁଷ୍ଟିହୀନ ଶିଶୁ ବୋଲି ଜାଣିବା ।



# ଶିଶୁ ଜନ୍ମର ଏକ ଗଳ୍ପ







# କାଜଲ, ଲାଲା ଓ ସୀମାକୁ ବଞ୍ଚାଇବା ସକାଶେ ଆମେ କ'ଣ କରିପାରିଥାଆନ୍ତେ ?

କାର୍ଡ ଦେଖାନ୍ତୁ ଏବଂ ଅଂଶଗ୍ରହଣକାରୀ ମଧ୍ୟରୁ ଜଣକୁ କାର୍ଡରେ ଥିବା ପ୍ରଶ୍ନ ପଢ଼ିବା ପାଇଁ କୁହନ୍ତୁ ।

ଅଂଶଗ୍ରହଣକାରୀଙ୍କୁ ପ୍ରଶ୍ନ ପଚାରନ୍ତୁ ଏବଂ ଅଂଶଗ୍ରହଣକାରୀଙ୍କୁ ଆଲୋଚନା କରିବା ପାଇଁ ଦିଅନ୍ତୁ ।

ଆଲୋଚନା ସାହାଯ୍ୟ କରିବା ପାଇଁ ନିମ୍ନଲିଖିତ ପ୍ରଶ୍ନ ମଝିରେ ପଚାରନ୍ତୁ ।

- କାଜଲର ମୃତ୍ୟୁର କାରଣ କ'ଣ ଥିଲା ?
- ଲାଲାର ମୃତ୍ୟୁର କାରଣ କ'ଣ ଥିଲା ?
- ସୀମା କାହିଁକି ଏତେ ଦୁର୍ବଳ ହେଇଛି ତା'ର ବର୍ତ୍ତମାନ କୁପୋଷଣର ସ୍ଥିତି ତା'ର ଶାରିରୀକ ଓ ମାନସିକ ବିକାଶକୁ କିପରି ପ୍ରଭାବିତ କରିବ ?
- କାଜଲ ଓ ଲାଲାର ଜୀବନ ବଞ୍ଚାଇବା ପାଇଁ ଆମେ କଣ କରିପାରିଥାଆନ୍ତେ ?
- ଆଶା କିମ୍ବା ଅଙ୍ଗନୱାଡୀ କର୍ମୀ କିପରି ସୀମାକୁ ସାହାଯ୍ୟ କରିପାରିବେ ?


ଶେଷରେ ଗୁରୁତ୍ୱ ଦିଅନ୍ତୁ ଯେ ଆମେ ଏଠାରେ ସବୁ ପରିବାରକୁ ସାହାଯ୍ୟ କରିବା ପାଇଁ ଅଛୁ, କିନ୍ତୁ ସର୍ବ ପ୍ରଥମେ ସେହି ମାନଙ୍କୁ ସାହାଯ୍ୟ କରିବା ଯେଉଁମାନେ ନିଜକୁ ସାହାଯ୍ୟ କରିପାରୁନାହାନ୍ତି । ଶେଷରେ ସମସ୍ତଙ୍କୁ ବୁଝାଇବାକୁ ହେବଯେ ଜୀବନ ବଞ୍ଚାଇବାକୁ ଆମେ ସମସ୍ତେ ଯଥେଷ୍ଟ ସୂଚନା ରଖୁଥାଉ କିନ୍ତୁ ଠିକ୍ ସମୟରେ ସଠିକ୍ ଜ୍ଞାନ (ସୂଚନା)ର ଉପଯୋଗ କରିବା ଆବଶ୍ୟକ । ଯାହା ଦ୍ୱାରା ଜୀବନ ବଞ୍ଚିଯାଇ ପାରିବ ।





# କାଜଲ୍, ଲାଲା ଓ ସୀମାକୁ ବଞ୍ଚାଇବା ପାଇଁ ଆମେ କଣ କରିପାରିଥାଆନ୍ତେ ?

- କାଜଲ ଓ ଲାଲାର ମୃତ୍ୟୁ କାହିଁକି ହେଲା ? କାହିଁକି ସୀମାର ଅବସ୍ଥା ଏତେ ଖରାପ ହେଲା ?
- ଆମେ ସେମାନଙ୍କ ଜୀବନ ବଞ୍ଚାଇବା ସକାଶେ କିଛି କରି ପାରିଥାଆନ୍ତେ କି ? ସେମାନଙ୍କ ଜୀବନ ବଞ୍ଚାଇବା ସକାଶେ ଆମେ କଣ ସବୁ କରିପାରିଥାଆନ୍ତେ ?
- ଆମେ ସୀମା ସକାଶେ କଣ କରିପାରିବା ?







# ଏହି ମାସିକ ବୈଠକ କାହିଁକି କରିବା ?



କାର୍ଡ ପ୍ରଦର୍ଶିତ କରନ୍ତୁ ଏବଂ ଅଂଶଗ୍ରହଣକାରୀଙ୍କ ପ୍ରତ୍ୟେକ ପ୍ରସଙ୍ଗ ପଢ଼ିବାକୁ କୁହନ୍ତୁ ।



ଅଂଶଗ୍ରହଣକାରୀଙ୍କୁ ନିମ୍ନରେ ଥିବା ଦୁଇଟି ଉଦ୍ଦେଶ୍ୟର ଉଦାହରଣ ଦେବାକୁ କୁହନ୍ତୁ ।

- ଆପଣ ସୁସ୍ଥ ଅଭ୍ୟାସର ଉଦାହରଣ ଦେଇ ପାରିବେ ?
- ଆପଣ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାର ଉଦାହରଣ ଦେଇ ପାରିବେ ?



ଆଲୋଚନାକୁ ସହଜ କରିବା ପାଇଁ ଡାହାଣରେ ଥିବା ତାଲିକାକୁ ବ୍ୟବହାର କରନ୍ତୁ ।

ବୁଝାନ୍ତୁ, ମିଳିତ ଭାବରେ ଆମେ ପରିବାରକୁ ସୁସ୍ଥ ରଖିବାର ବ୍ୟବହାର ଗ୍ରହଣ କରିବା ଏବଂ ସବୁ ମହତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ବିଷୟରେ ମାସିକ ବୈଠକରେ ଆଲୋଚନା କରିବା । ଆମେ ସବୁ ଏଗୁଡ଼ିକୁ କିପରି ଶିଖିବା ?

- ଏହି ବୈଠକ ବ୍ୟତୀତ ଆମ ବିଭାଗ ସହ ସଂଯୁକ୍ତ ଥିବା ଅନ୍ୟ ସମାଗ୍ରୀ ଗୁଡ଼ିକ ଦ୍ୱାରା
- ସୁପରଭାଇଜରଙ୍କ ସହ ଆଲୋଚନା କରିବା ଦ୍ୱାରା
- ଜଣେ ଅନ୍ୟ ଜଣଙ୍କ ସହ ଅନୁଭୂତି ଆଲୋଚନା ଦ୍ୱାରା

**ସୁସ୍ଥ ବ୍ୟବହାରର ଉଦାହରଣ**

- ଶିଶୁ ଜନ୍ମ ପରେ ଯେତେ ଶୀଘ୍ର ସ୍ତନ୍ୟପାନ କରାଇବା
- ଶିଶୁ ଜନ୍ମ ସକାଶେ ପ୍ରସ୍ତୁତି
- ଦୁର୍ବଳ ନବଜାତ ଶିଶୁର ଘରେ ଯତ୍ନ ନେବା
- ANM/AWW ଙ୍କ ଦ୍ୱାରା ପ୍ରାପ୍ତ ଲୌହ ବଟିକାର ସେବନ
- ଜରୁରୀକାଳିନ ପରିସ୍ଥିତିରେ ଉପଯୁକ୍ତ ଡାକ୍ତରଖାନାକୁ ଯିବା

**ସ୍ୱାସ୍ଥ୍ୟ ସେବାର ଉଦାହରଣ –**

- ପ୍ରତିଷେଧକ ବ୍ୟବସ୍ଥା
- ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟ ପରୀକ୍ଷା
- ନିକଟସ୍ଥ ଡାକ୍ତରଖାନାରୁ ଲୌହ ବଟିକା ଉପଲବ୍ଧ କରିବା
- ବିପଦକାଳୀନ ସେବା ଗୁଡ଼ିକ ଡାକ୍ତରଖାନାରେ ସୁନିଶ୍ଚିତ କରିବା
- ତରଳ ଝାଡାରେ ଆକ୍ରାନ୍ତ ଶିଶୁଙ୍କୁ ଓ.ଆର୍.ଏସ୍ ଦେବା ।





# ମାସିକ ବୈଠକ କାହିଁକି କରାଯାଏ ?

ରାହୁଲ, କାଜଲ, ସୀମା ଓ ଲାଲାଙ୍କ ପରି ଲୋକଙ୍କୁ କିପରି ସାହାଯ୍ୟ କରାଯାଇ ପାରିବ ସେଥି ସକାଶେ ଆମେ ପ୍ରତି ମାସରେ ଭେଟିବା ।

ଆମେ ପରସ୍ପର ଠାରୁ ସୁପରଭାଇଜର ଦିଦିଙ୍କ ଠାରୁ ଏବଂ ଆମକୁ ଦିଆଯାଇଥିବା ସାମଗ୍ରୀରୁ ଶିଖିବା ।


ଦୁଇଟି ଉଦ୍ଦେଶ୍ୟ ପୂରଣ କରିବା ନିମନ୍ତେ ଆମେ ମାସିକ ବୈଠକ କରିବା ।

୧. ଆମ ଗୋଷ୍ଠୀରେ ଥିବା ସମସ୍ତ ପରିବାର ଯେପରି ସୁସ୍ଥ ବ୍ୟବହାର ଅଭ୍ୟାସ କରିବେ ।

୨. ଆମ ଗୋଷ୍ଠୀରେ ଥିବା ସମସ୍ତ ପରିବାର ଯେପରି ସବୁ ମହତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପାଇବେ ।

ଯଦି ଆମେ ମିଳିତ ଭାବେ କାର୍ଯ୍ୟକରିବା ଏବଂ ଦାୟିତ୍ୱ ଭାରକୁ ଭାଗ କରିବା ତା ହେଲେ ଉଦ୍ଦେଶ୍ୟ ଗୁଡିକ କାର୍ଯ୍ରକାରୀ କରିବା ସହଜ ହେବ ।





# ମାସିକ ବୈଠକରେ କ'ଣ କରାଯିବ ?

ପ୍ରତ୍ୟେକ ମାସ ଏହି ବୈଠକରେ ଆମେ କଣ କରିବା କାର୍ଡ ଦେଖାନ୍ତୁ, ଏବଂ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ଜଣକୁ ପଢ଼ିବାକୁ କୁହନ୍ତୁ ।

ପଢ଼ିବା ପରେ, ଦକ୍ଷିଣ ପାର୍ଶ୍ୱରେ ଥିବା ନିର୍ଦ୍ଦେଶାବଳୀକୁ ବ୍ୟବହାର କରି ପ୍ରତ୍ୟେକ ବୈଠକରେ କାର୍ଯ୍ୟକାରୀ କରିବାକୁ ଥିବା ତିନୋଟି ପ୍ରମୁଖ କାର୍ଯ୍ୟକ୍ରମକୁ ବୁଝାନ୍ତୁ ।

ପ୍ରତ୍ୟେକ ମାସ ମାସିକ ବୈଠକରେ ଏକ ଘଣ୍ଟିକିଆ ଦୁଇଟି ବିଷୟ ଆଲୋଚନା କରିବା ପାଇଁ ଚେଷ୍ଟା କରିବା । ପ୍ରତ୍ୟେକ ବିଷୟ ପାଇଁ ଆମେ ଅଲଗା କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ।

**୧. ସମୀକ୍ଷା**

**ପୂର୍ବ ମାସରେ ପ୍ରସ୍ତୁତ କରିଥିବା କାର୍ଯ୍ୟ ଯୋଜନା କିପରି ଆମ୍ଭେ କାର୍ଯ୍ୟକାରୀ କଲୁ ସମୀକ୍ଷା କରିବା ।**

- ଆମ୍ଭମାନଙ୍କୁ କେଉଁ ସବୁ ସମସ୍ୟା ଗୁଡିକ ସମ୍ମୁଖୀନ କରିବାକୁ ପଡିଥିଲା ।
- ଆମେ କଣ ଶିଖିଲେ ?
- କେତେ ପରିବାରକୁ ଆମେ ବୁଝାଇବାରେ ସଫଳ ହେଲେ ।

**୨. ନୂଆ କିଛି ଶିଖନ୍ତୁ -**

**ଆମେ ଯାହା ଜାଣିଛେ ସେଥିରୁ ଆରମ୍ଭ କରି ଆମେ ଆମର ଜ୍ଞାନକୁ ବଢ଼େଇ ଚାଲିବା କେବଳ ନୂଆ ଜ୍ଞାନ ନୁହେଁ କିନ୍ତୁ ନୂଆ କୌଶଳ ମଧ ଶିଖିବା**

- ସ୍ତନ୍ୟପାନ କରିବା ପ୍ରକ୍ରିୟାକୁ ଆମ୍ଭେ କିପରି ଦେଖିବା ।
- ଗୋଟିଏ ଦୁର୍ବଳ ନବଜାତ ଶିଶୁର ଆମେ ଘରେ କିପରି ଯତ୍ନ ନେବା ?
- ଗୋଟିଏ ଶିଶୁକୁ କିପରି ପରିପୂରକ ଖାଦ୍ୟ ଦେବା ?

ନୂଆ କୌଶଳ ଶିଖିବା ସକାଶେ ବୈଠକରେ Role Play ଏବଂ Practical demonstration ଦ୍ୱାରା ଅଭ୍ୟାସ କରିବା ।

**୩. ଆସନ୍ତା ମାସ ସକାଶେ କାର୍ଯ୍ୟ ଯୋଜନା**


**ନୂଆ କରି ପାଇଥିବା ଜ୍ଞାନ ଓ କୌଶଳକୁ ଆଧାର କରି ଆମେ ଆସନ୍ତା ମାସ ସକାଶେ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା । ଯେପରିକି -**

- ପ୍ରସବ ପ୍ରସ୍ତୁତିରେ ସାହାଯ୍ୟ କରିବା ପାଇଁ ତୃତୀୟ ତ୍ରୈମାସିକରେ ଅତିକମ୍‌ରେ ଦୁଇଥର ଗର୍ଭବତୀ ମହିଳାଙ୍କ ପାଖକୁ ପରିଦର୍ଶନରେ ଯିବା ଆରମ୍ଭ କରିବା ।
- ନବଜାତ ଶିଶୁର ଯତ୍ନ ନିଶ୍ଚିତ କରିବା ପାଇଁ ଶିଶୁର ଜନ୍ମ ଦିନ ହିଁ ପରିବାରଟିକୁ ପରିଦର୍ଶନରେ ନିଶ୍ଚୟ ଯିବା ।
- ସଠିକ୍ ସମୟରେ ପରିପୂରକ ଖାଦ୍ୟ ସେମାନେ ଆରମ୍ଭ କରିବା ନିଶ୍ଚିତ ହେବା ପାଇଁ ଶିଶୁ ଯେତେବେଳେ ୫-୬ ମାସ ହେଇଥିବ ପରିବାର ଗୁଡିକୁ ପରିଦର୍ଶନରେ ଯିବା ।



# ପ୍ରତ୍ୟେକ ମାସ ଏହି ବୈଠକରେ ଆମେ କଣ କରିବା ?







**ସମୀକ୍ଷା**

ଗତ ମାସ ଆମ କାମରୁ
ଆମେ କଣ ଶିଖିଲେ ?

**ନୂଆ ବିଷୟ ଗୁଡିକୁ ଶିଖିବା**

ବିଭିନ୍ନ କୌଶଳ ପ୍ରୟୋଗ ଏବଂ ବ୍ୟବହାର ଗୁଡିକର
କଣ ନୂଆ ସୂଚନା ଆମେ ପରିବାରକୁ ଦେବା ଉଚିତ୍ ?

**ଯୋଜନା କରିବା**

ଆଲୋଚ୍ୟ ବିଷୟ ସମ୍ପର୍କିତ ନୂଆ
କାର୍ଯ୍ୟକ୍ରମ ଆସନ୍ତା ମାସ ନିମନ୍ତେ
ଯୋଜନା କରିବା ।



# ଏହା ଅର୍ଥ ଆମ ପାଇଁ ଅଧିକା କାମ କି ?

ଅଂଶଗ୍ରହଣକାରୀମାନଙ୍କୁ କୁହନ୍ତୁ ଗୋଟିଏ କାହାଣୀ ସାହାଯ୍ୟରେ କଠିନ ପରିଶ୍ରମ ଏବଂ କୌଶଳପୂର୍ଣ୍ଣ କାର୍ଯ୍ୟ ମଧ୍ୟରେ ତଫାତ୍ ଆମେ ବୁଝିବାକୁ ଚେଷ୍ଟା କରିବା ।

କାହାଣୀଟିକୁ ଜୋର୍‌ରେ ପଢ଼ନ୍ତୁ (ଡାହାଣରେ ଦିଆଯାଇଛି) ଅଂଶଗ୍ରହଣକାରୀଙ୍କୁ ପଚାରନ୍ତୁ କାହାଣୀ କିପରି ଲାଗିଲା ?

ବୁଝାନ୍ତୁ -

- ଅତିରିକ୍ତ କାର୍ଯ୍ୟ କରିବା ନୁହଁ, କୌଶଳପୂର୍ଣ୍ଣ କାର୍ଯ୍ୟ ମାଧ୍ୟମରେ ସୁଫଳ ପାଇବାର ଅଭିପ୍ରାୟ
- ଆମେ ବହୁତ କାର୍ଯ୍ୟ କରୁଛୁ କିନ୍ତୁ ସବୁବେଳେ ଆମେ ଭଲ ଫଳ ପାଇନାହୁଁ । ମିଳିତ ଭାବେ କାର୍ଯ୍ୟ କରିବା ଶିଖିବା ଏବଂ ବୁଦ୍ଧିମତା ସହ କାର୍ଯ୍ୟ କରିବା ଦ୍ୱାରା କମ୍ କାମରେ ଅଧିକ ଫଳ ପାଇପାରିବା ।
- କୌଶଳପୂର୍ଣ୍ଣ କାର୍ଯ୍ୟ କରିବା ଦ୍ୱାରା ଆମ କାର୍ଯ୍ୟଭାର କମ୍ ହୋଇପାରେ ଉଦାହରଣ ସ୍ୱରୂପ ଦୈନିକ ଆମେ ୩-୫ ଗୃହ ପରିଦର୍ଶନ କରିବାକୁ ଆଶା କରୁଛୁ ଯଦି ଆମେ କୌଶଳ ସହ କାର୍ଯ୍ୟ କରୁଛେ ତାହେଲେ ୧-୨ଟି ଗୃହ ପରିଦର୍ଶନ କରି ଆମେ ସମାନ ଫଳ ପାଇ ପାରିବା । ଏହା କିପରି ହୋଇପାରିବ ଆମେ ଉକ୍ତ ବୈଠକରେ ଶିଖିବା ।

**କାହାଣୀ :**

**କଠିନ ପରିଶ୍ରମ କରିବା କେବଳ ପର୍ଯ୍ୟାପ୍ତ ନୁହେଁ ପ୍ରତ୍ୟେକଙ୍କୁ ନିଶ୍ଚିତ କୌଶଳତା ସହ କାର୍ଯ୍ୟ କରିବା ଆବଶ୍ୟକ ।**

ଗୋଟିଏ ଗ୍ରାମରେ ଯାଆଁଳା ଭାଇ ଅଭିଷେକ ଏବଂ ସାହିଲ୍ ରହୁଥିଲେ । ଦୁହେଁ ସେମାନଙ୍କ କାଠ କାଟିବା ଦକ୍ଷତା ପାଇଁ ପରିଚିତ ଏବଂ ସମ୍ମାନିତ ଥିଲେ । ଦିନେ ସେମାନେ ଏକ ସର୍ତ୍ତ ରଖିଲେ, ଯିଏ ଗୋଟିଏ ଦିନରେ ଅଧିକ କାଠ କାଟିବ ସେ ବାପାଙ୍କ ଠାରୁ ସ୍ୱତନ୍ତ୍ର ପୁରସ୍କାର ପାଇବ । ସକାଳୁ ସକାଳୁ ସେମାନେ ଜଙ୍ଗଲ ଅଭିମୁଖରେ କୁରାଢ଼ି ଧରି ବାହାରିଲେ ଏବଂ କାଠ କାଟିବା ଆରମ୍ଭ କଲେ ।

ଅଭିଷେକ ଅନୁମାନ କଲା ପ୍ରତ୍ୟେକ ଥର ଗଛ କାଟିବା ପରେ ସାହିଲ୍ କିଛି ସମୟ ବିଶ୍ରାମ ନେଉଛି । ଅଭିଷେକ ଭାବିଲା ପ୍ରତିଯୋଗିତା ଜିତିବା ପାଇଁ ଏହା ଏକ ଭଲ ସୁଯୋଗ । ସେ ବିଶ୍ରାମ ନନେଇ କାଠ କାଟେ ତାହେଲେ ନିଶ୍ଚିତ ରୂପେ ସେ ଅଧିକ କାଠ କାଟିଦେବ । ସାହିଲ୍ ଏହା ଦେଖିଲା କିନ୍ତୁ ଚିନ୍ତିତ ହେଲା ନାହିଁ । ସେ ପ୍ରତ୍ୟେକ ଗଛ କାଟିବାପରେ ବିରତି ନେଲା ।

ଯେତେବେଳେ ଦିନ ସରିଲା ଅଭିଷେକ ଦେଖିଲା ତାର ସମସ୍ତ ଉଦ୍ୟମ ସତ୍ତ୍ୱେ ସାହିଲର କାଠ ଗଦା ତା ନିଜଠାରୁ ଅଧିକ ଥିଲା ।


ସେ ସାହିଲ୍‌କୁ ପଚାରିଲା ଭାଇ ତୁ ତ ପ୍ରତ୍ୟେକ ଗଛ କାଟିବା ପରେ ବିଶ୍ରାମ ନେଉଥିଲୁ, ଏମିତି କି ତୋ ଠାରୁ ମୁଁ ଅଧିକ କଠିନ ପରିଶ୍ରମ କରିଥିଲି ତୁ କେମିତି ଅଧିକ କାଠ କାଟିପାରିଲୁ ?

ସାହିଲ୍ ସ୍ମିତହାସ୍ୟ ଦେଇ କହିଲା ମୋ ବନ୍ଧୁ ତୁମେ ଯେତେବେଳେ ଭାବୁଥିଲ ମୁଁ ଗଛ କାଟିବା ମଧ୍ୟରେ ବିଶ୍ରାମ ନଉଛି ମୁଁ ପ୍ରକୃତରେ ସେତେବେଳେ ମୋ କୁରାଢ଼ୀକୁ ଧାର କରୁଥିଲି ସେଥିପାଇଁ ଏକା ସମୟ ସୀମା ମଧ୍ୟରେ ତୁମେ ଅଧିକ ପରିଶ୍ରମ କଲେ ମଧ୍ୟ ମୁଁ ଅଧିକ କାଠ କାଟିପାରିଲି ।





# ଏହା ଅର୍ଥ ଆମ ପାଇଁ ଅଧିକା କାମ କି ?



- ନାଁ, ବର୍ତ୍ତମାନ ଆମେ ଯାହା କାମ କରୁଛୁ ତା'ଠାରୁ ଅଧିକ କାମ କରିବାକୁ ପଡିବ ନାହିଁ ।

- ଆମେ ଅଧିକ ବୁଦ୍ଧିମତା ସହ କାର୍ଯ୍ୟ କରିବା ଶିଖିବା ଏବଂ ଆମ କାମରୁ ଅଧିକ ପରିଣାମ କିପରି ପାଇବା ଶିଖିବା ।



# ସ୍ୱାସ୍ଥ୍ୟ ଓ ଆଇ.ସି.ଡି.ଏସ୍ କାର୍ଯ୍ୟକ୍ରମ ମଧ୍ୟରେ କ'ଣ ସମାନତା ?



କାର୍ଡ ପ୍ରଦର୍ଶନ କରନ୍ତୁ ଏବଂ ପଢ଼ନ୍ତୁ

**ସ୍ୱାସ୍ଥ୍ୟ ଓ ଆଇ.ସି.ଡି.ଏସ୍ କାର୍ଯ୍ୟକ୍ରମ କାହିଁକି ମିଳିତ ଭାବରେ କରିବା ଉଚିତ୍**

**ଆଇ.ସ.ଡି.ଏସ୍ ଏବଂ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସମାନ ଲକ୍ଷ୍ୟ**

- ସ୍ୱାସ୍ଥ୍ୟ ସଚେତନତା ଏବଂ ସୁସ୍ଥ ବ୍ୟବହାର ନିଶ୍ଚିତ କରିବା ।
- ସବୁ ପରିବାର ସ୍ୱାସ୍ଥ୍ୟ ସେବା ପାଇବା ନିଶ୍ଚିତ କରିବା ।
- ଏହି କାର୍ଯ୍ୟ ମାଧ୍ୟମରେ ବିଶେଷତଃ ମା' ଓ ଶିଶୁଙ୍କ ମୃତ୍ୟୁ ଓ କୁପୋଷଣକୁ କମ୍ କରିବା ।

**ଯଦି ଆଶା ଓ ଅଙ୍ଗନଓ୍ୱାଡି କର୍ମୀ ଏକା ସଙ୍ଗରେ ମିଶି କାମ କରନ୍ତି କମ୍ ଉଦ୍ୟମରେ ଅଧିକ ପରିଣାମ ପାଇପାରିବେ ।**





# ସ୍ୱାସ୍ଥ୍ୟ ଓ ଆଇ.ସି.ଡି.ଏସ୍ କାର୍ଯ୍ୟକ୍ରମ ମଧ୍ୟରେ କ'ଣ ସମାନ ?

NATIONAL RURAL HEALTH MISSION
राष्ट्रीय ग्रामीण स्वास्थ्य मिशन

ସଚେତନତା ବୃଦ୍ଧି

ସ୍ୱାସ୍ଥ୍ୟ ଓ ପୁଷ୍ଟିସେବା ଗୁଡିକର ଉନ୍ନତ ସୁବିଧା


ମୃତ୍ୟୁ ଏବଂ ପୁଷ୍ଟିହୀନତା କମାଇବା











# ମହିଳା ପରିଦର୍ଶିକା ଏବଂ ଏ.ଏନ୍.ଏମ୍ ଙ୍କ ଭୂମିକା

କାର୍ଡ ପ୍ରଦର୍ଶନ କରନ୍ତୁ

ଡାହାଣରେ ଦିଆଯାଇଥିବା ତାଲିକାକୁ ବ୍ୟବହାର କରି ମହିଳା ପରିଦର୍ଶିକା ଓ ଏ.ଏନ୍.ଏମ୍ ଙ୍କ ପର୍ଯ୍ୟବେକ୍ଷଣୀୟ (Supervisory) ଭୂମିକା ବୁଝାନ୍ତୁ ।

ସମସ୍ତଙ୍କୁ ବୁଝାନ୍ତୁ ସ୍ୱାସ୍ଥ୍ୟ ସେବା ଦେବା ଏବଂ ରେକର୍ଡ ରଖିବା ଯେପରି ANM ର କାର୍ଯ୍ୟ ଏହା ଏକ ଅତିରିକ୍ତ କାର୍ଯ୍ୟ ।

**୧. ସହାୟତା**

**AWW/ASHA ଙ୍କୁ ନିଜ କାର୍ଯ୍ୟରେ ସଫଳ ହେବା ପାଇଁ ସାହାଯ୍ୟ କରିବା ।**

**ନୂତନ ଜ୍ଞାନ ଓ ସୂଚନା ପାଇବାରେ ସାହାଯ୍ୟ କରିବା ।**

- କାର୍ଯ୍ୟ କରିବାରେ ନୂତନ ପନ୍ଥା ଶିଖିବାରେ ସାହାଯ୍ୟ କରିବା
- ଭୁଲ ସଂଶୋଧନ କରିବାରେ ସାହାଯ୍ୟ କରିବା

**୨. ସମସ୍ୟା ସମାଧାନ**

**AWW/ASHA ନିଜେ ସମାଧାନ କରି ପାରୁନଥିବା ସମସ୍ୟା ଗୁଡିକର ସମାଧାନ କରିବାରେ ସାହାଯ୍ୟ କରିବା ।**

- ASHA/AWW ଙ୍କ କଥା ଶୁଣୁନଥିବା ପରିବାର ଗୁଡିକୁ ବୁଝାଇବା ।
- ଉଚ୍ଚ କର୍ତ୍ତୃପକ୍ଷଙ୍କୁ ASHA/AWW ସମସ୍ୟା ଜଣାଇବା ।


**୩. ସମୀକ୍ଷା -**

**କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପୂରଣ ହେଉଛି କି ନାହିଁ ସମୀକ୍ଷା କରିବା ।**

- AWW/ASHA ଙ୍କ କାର୍ଯ୍ୟ ଏବଂ ରେକର୍ଡ ଦେଖିବା ।
- ଗ୍ରାମରେ ପରିବାର ଗୁଡିକୁ ପରିଦର୍ଶନ କରି ଦେଖନ୍ତୁ ସେମାନେ ସ୍ୱାସ୍ଥ୍ୟ ସେବା ଏବଂ ସୂଚନା ପାଇଛନ୍ତି କି ନାହିଁ ।
- ତଥ୍ୟ/ସୂଚନା ସଂଗ୍ରହ କରି ଏଗୁଡିକୁ ବିଶ୍ଳେଷଣ କରିବା ।



# ମହିଳା ପରିଦର୍ଶିକା ଏବଂ ଏ.ଏନ୍.ଏମ୍ ଙ୍କ ଭୂମିକା





# ମାସିକ ବୈଠକ ପରେ କ'ଣ ହେବ ?



## କାର୍ଡ ପ୍ରଦର୍ଶନ କରନ୍ତୁ ଏବଂ ବୁଝାନ୍ତୁ

- ଆମର ଉଦ୍ୟମ ମାସିକ ବୈଠକରେ ସରିବ ନାହିଁ
- ଏହା କେବଳ ମାସିକ ବୈଠକରେ ଆରମ୍ଭ ହେବ
- ବୈଠକ ପରେ ଆପଣଙ୍କ ଉଦ୍ୟମ ଲୋକଙ୍କ ବ୍ୟବହାରିକ ପରିବର୍ତ୍ତନ ଆଣିବା ଓ ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ସେବା ପାଇବାରେ ସାହାଯ୍ୟ କରିବ ।
- ତୁମ୍ଭେ ପ୍ରାୟତଃ ସଫଳ ହେବ କିନ୍ତୁ କିଛି ସମୟରେ ତୁମ୍ଭେ ସମସ୍ୟାର ସମ୍ମୁଖୀନ ହେବ ।
- ସବୁ ସ୍ତରରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ପର୍ଯ୍ୟବେକ୍ଷକ (Supervisor) ଅଛନ୍ତି ଯଥା - LS, ANM, CDPO ଏବଂ Block Resource Group (BRG) ର ସଭ୍ୟ, District Resource Group (DRG) ର ସଭ୍ୟ ।
- ମିଳିତ ଭାବରେ ଆମେ ସମାଧାନ ଖୋଜିବା ଏବଂ ସଫଳ ହେବା ।



# ସଭାପରେ କଣ ହେବ ?



ଗୃହ ପରିଦର୍ଶନ ଏବଂ
ସ୍ୱାସ୍ଥ୍ୟ ଓ ପୁଷ୍ଟି ସେବା

ସବୁ ମହିଳା ଓ ଶିଶୁଙ୍କ
ପାଖରେ ପହଞ୍ଚିବା

ସମସ୍ୟା

ଗୃହ ପରିଦର୍ଶନ ସମୟରେ
ସମ୍ମୁଖୀନ ହେଉଥିବା ସମସ୍ୟା

ପର୍ଯ୍ୟବେକ୍ଷଣ

ମହିଳା ପରିଦର୍ଶିକା, ସ୍ୱାସ୍ଥ୍ୟ କର୍ମୀ, ଶିଶୁ
ବିକାଶ ପ୍ରକଳ୍ପ ଅଧିକାରୀ, ଚିକିତ୍ସା
ଅଧିକାରୀଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ
**(Supervision)**

ସମାଧାନ

ଗୋଟିଏ ପରେ
ଗୋଟିଏ ସମସ୍ୟାର ସମାଧାନ





# ମାସିକ ବୈଠକ ଗୁଡିକରେ ଆମେ କେଉଁ ବିଷୟ ଆଲୋଚନା କରିବା

**କାର୍ଡ ପ୍ରଦର୍ଶନ କରି ପଚାରନ୍ତୁ -**

- ଦୟାପୂର୍ବକ ଏହି ଛବିକୁ ଭଲଭାବରେ ଦେଖନ୍ତୁ ଏବଂ ମୋତେ କୁହନ୍ତୁ ଏହା କଣ ପ୍ରଦର୍ଶିତ କରୁଛି ?

**କିଛି ସମୟ ଆଲୋଚନା କରନ୍ତୁ ଏବଂ ସେମାନଙ୍କୁ ବୁଝାନ୍ତୁ କି ଆମେ ଏହି ଛବି ସମ୍ପର୍କରେ ଥରକୁ ଥର ଆଲୋଚନା ଜାରି ରଖିବା ।**

**ଛବି ବିଷୟରେ ଅଂଶଗ୍ରହଣକାରୀମାନେ ନିଜର ମତାମତ ଦେବା ପରେ ଛବି ବିଷୟରେ ସେମାନଙ୍କୁ ବୁଝାନ୍ତୁ ।**

- ଏହି ଛବିଟି ଶିଶୁ ଜୀବନର ପ୍ରଥମ ୧୦୦୦ ଦିନର - ଗର୍ଭାବସ୍ଥା ଠାରୁ ଶିଶୁକୁ ୨ ବର୍ଷ ହେବା ପର୍ଯ୍ୟନ୍ତ
  - ଗର୍ଭାବସ୍ଥାରେ - ୨୮୦ ଦିନ
  - ପ୍ରଥମ ଦୁଇ ବର୍ଷରେ = ୩୬୫ + ୩୬୫ = ୭୩୦ ଦିନ
  - ମୋଟ - ୧୦୧୦ ଦିନ ବା ମୋମୋଟି ୧୦୦୦ ଦିନ
- ଏହି ଛବିରେ ପଥ ପ୍ରଦର୍ଶନ କରାଏ ଯେଉଁଥିରେ ମାଇଲ୍‌ଷ୍ଟୋନ୍ ସହ ଗର୍ଭବସ୍ଥା ଠାରୁ ଶିଶୁ ଜନ୍ମ (ମାଇଲଷ୍ଟୋନ୍-୦) ଏବଂ ତା'ପରେ ଶିଶୁକୁ ଦୁଇବର୍ଷ ହେବା ପର୍ଯ୍ୟନ୍ତ (୨୪ ମାସ) ।
- ଏହି ସମୟକାଳ (Period) କାହିଁକି ମହତ୍ତ୍ୱପୂର୍ଣ୍ଣ ?
  - ଏହି ସମୟରେ ମାତୃ ମୃତ୍ୟୁ ଅଧିକ ହୋଇଥାଏ ।
  - ଏହି ସମୟରେ ମୃତ ଶିଶୁ ଜନ୍ମ, ନବଜାତ ଶିଶୁ ମୃତ୍ୟୁ ଏବଂଶିଶୁ ମୃତ୍ୟୁ ହୋଇଥାଏ ।
  - ଏହି ସମୟରେ ଶିଶୁଙ୍କର ପୁଷ୍ଟିହୀନତା ଆରମ୍ଭ ହୋଇଥାଏ
  - ଏହି ସମୟରେ ଅବାଞ୍ଛିତ ଗର୍ଭଧାରଣ ଆରମ୍ଭ ହୋଇଥାଏ ।

**ମୂଖ୍ୟତଃ ଆଲୋଚନା କରିବା ଏବଂ ସମସ୍ୟା ଗୁଡିକରୁ ଅଧିକ କିଛି ଶିଖିବା ଏବଂ ନିରାକରଣ ପାଇଁ ମିଳିତ ଭାବରେ ଯୋଜନା କରିବା ସକାଶେ ଏହି ବୈଠକ ସମର୍ପିତ । ପ୍ରତ୍ୟେକ ମାସ ପୁଙ୍ଖାନୁପୁଙ୍ଖ ରୂପେ ଏହି ବିବରଣୀ ଗୁଡିକ ଆମେ କଥା ହେବା ।**

ପ୍ରତ୍ୟେକ ମାସ ଡାହାଣରେ ଦିଆଯାଇଥିବା ବିଭିନ୍ନ ବିଷୟ ଉଦାହରଣ ରୂପେ ବ୍ୟବହାର କରି ଆମେ ଆସନ୍ତା ମାସ ଆସନ୍ତା ବର୍ଷ କିମ୍ବା ଅଧିକ ବର୍ଷ ପର୍ଯ୍ୟନ୍ତ, ପ୍ରତ୍ୟେକ ମାସ ଦୁଇଟି ବିଷୟରେ ଆଲୋଚନା କରିବା ।

**୫ ରୁ ୧୦ ମିନିଟ୍ ବିରତି**


**ଏହି ମାସିକ ବୈଠକରେ ଶିକ୍ଷଣୀୟ ବିଷୟର ଉଦାହରଣ -**

- ଗୃହ ପରିଦର୍ଶନ planner ବ୍ୟବହାର ନିମନ୍ତେ କିପରି ପ୍ରସ୍ତୁତ କରାଯିବ
- ଆନୁଷ୍ଠାନିକ ଜନ୍ମ (Institutional birth) ନିମନ୍ତେ ପ୍ରସ୍ତୁତି
- ମା ଓ ଶିଶୁର ପ୍ରସବ ପରବର୍ତ୍ତୀ ଯତ୍ନ
- ସମୟ ପୂର୍ବରୁ ଜନ୍ମ ହୋଇଥିବା ଶିଶୁଙ୍କ ଚିହ୍ନଟ ଓ ଯତ୍ନ
- ମା'ଙ୍କ ବିପଦସଙ୍କୁଳ ଲକ୍ଷଣ ଚିହ୍ନଟ ଏବଂ ପରିବାର ଗୁଡିକ କଣ କରିବା ଉଚିତ୍
- ସମ୍ପୂର୍ଣ୍ଣ ଟୀକାକରଣ କିପରି ନିଶ୍ଚିତ କରିବେ
- କେଉଁ ପଦ୍ଧତିରେ ଏବଂ କାହାକୁ ପରିବାର ନିୟୋଜନ ସମ୍ପର୍କିତ ପରାମର୍ଶ ଦିଆଯିବ
- ପରିପୂରକ ଖାଦ୍ୟାଭ୍ୟାସ
- ଅତିଶୟ ପୁଷ୍ଟିହୀନ ଶିଶୁ ଚିହ୍ନଟିକରଣ ଏବଂ ଯତ୍ନ



# ଏହି ମାସିକ ବୈଠକ ଗୁଡିକରେ ଆମେ କେଉଁ ବିଷୟ ଗୁଡିକୁ ଆଲୋଚନା କରିବା ?






**ହିତାଧିକାରୀଙ୍କୁ ସମ୍ପର୍କ କରିବାର ସଠିକ୍ ସମୟ**



# ଆମେ କେଉଁଠାରୁ ଆରମ୍ଭ କରିବା ?

**ବିରତି ପରେ, ଅଂଶଗ୍ରହଣକରୀଙ୍କୁ କୁହନ୍ତୁ କି ବର୍ତ୍ତମାନ ଆମର ପ୍ରକୃତ କାମ ଆରମ୍ଭ କରିବା ।**

**କାର୍ଡ ପ୍ରଦର୍ଶନ କରନ୍ତୁ ଏବଂ ଜଣେ ଅଂଶଗ୍ରହଣକାରୀଙ୍କୁ ପଢ଼ିବା ପାଇଁ କୁହନ୍ତୁ ।**

**ପଚାରନ୍ତୁ**

କୌଣସି ପରିବାର ଛାଡି ହୋଇନଥିବା କିପରି ନିଶ୍ଚିତ ହେବା ?

**ସଂକ୍ଷିପ୍ତ ଆଲୋଚନା କରନ୍ତୁ, ଅଂଶଗ୍ରହଣକାରୀମାନେ ପ୍ରସ୍ତାବ ଦିଅନ୍ତୁ ।**

**ଆଲୋଚନାର ସାରାଂଶ ବାହାର କରନ୍ତୁ ।**

ଆମେ ସବୁ ପରିବାରକୁ ଜାଣିବା ପାଇଁ ଆମେ ସେବା ଦଉଥିବା ଅଞ୍ଚଳରେ କେଉଁ ପରିବାର ରହୁଛନ୍ତି ଜାଣିବା ଆବଶ୍ୟକ । ବିଶେଷତଃ ଯେଉଁମାନଙ୍କୁ ଆମେ ସେବା ଦଉଛନ୍ତି ଆମେ ସେମାନଙ୍କୁ ଜାଣିଛୁ କି ? ଆମେ ସେମାନଙ୍କୁ ଜାଣିଥିବା କେମିତି ନିଶ୍ଚିତ ହେବା ?

**ସଂକ୍ଷିପ୍ତ ଆଲୋଚନା ପରେ ଅନ୍ୟ କାର୍ଡକୁ ଯିବା**






# କେଉଁଠାରୁ ଆରମ୍ଭ କରିବା ?

**ଆମ୍ଭ ଉଦ୍ଦେଶ୍ୟ –**


୧. ଆମ ସମ୍ପ୍ରଦାୟର ସବୁ ପରିବାର ସୁସ୍ଥ ବ୍ୟବହାର ନିଶ୍ଚିତ ରୂପେ ଅଭ୍ୟାସ କରିବେ ।

୨. ଆମ ସମ୍ପ୍ରଦାୟର ସବୁ ପରିବାର ଯେପରି ସବୁ ମହତ୍ତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପାଇବା ସହଜ ହେବ ।

ଆମ୍ଭ ଉଦ୍ଦେଶ୍ୟ ଗୋଟିଏ ହେଲେ ପରିବାର ନଛାଡି ସବୁ ପରିବାର ନିକଟରେ ପହଞ୍ଚିବା ।





# ଆମ ନିଜ ଅଞ୍ଚଳର ସମ୍ପୂର୍ଣ୍ଣ ସୂଚନା ଆମ ପାଖରେ ଅଛି କି ?



**କାର୍ଡ ପ୍ରଦର୍ଶନ କର, ସଂକ୍ଷିପ୍ତରେ ପ୍ରତ୍ୟେକ ବିଷୟ ଆଲୋଚନା କରନ୍ତୁ ।**
**ଅଂହଶଗ୍ରହଣକାରୀଙ୍କ ବାସ୍ତବିକ ସ୍ଥିତି ପାଇବା (ଅଂଶଗ୍ରହଣକାରୀଙ୍କ ଦ୍ୱାରା ବର୍ଣ୍ଣିତ ସ୍ଥିତି ଗୋଟିଏ ଡାଇରିରେ ଲେଖି ରଖିବା)**



- କେତେଜଣ AWW କର୍ମୀ ଅଛନ୍ତି ଯେଉଁମାନେ ସେମାନଙ୍କ କାର୍ଯ୍ୟକ୍ଷେତ୍ର ପରିସୀମା ନିଶ୍ଚିତ ନୁହନ୍ତି । ଯେଉଁ ଗ୍ରାମରେ ଏକରୁ ଅଧିକ A.W.C ସେଠାରେ କଣ କରାଯିବ ।
- ଯେଉଁଠାରେ କେବଳ ପଛୁଆ ବର୍ଗର ଗୋଷ୍ଠୀ ରହନ୍ତି ସେହି ବସ୍ତିର ସ୍ଥିତି କଣ ଅଛି ? ଯେଉଁଠାରେ କେବଳ ଅନ୍ୟ ଧର୍ମର ଲୋକ ରହନ୍ତି ସେହି ବସ୍ତିର ସ୍ଥିତି କଣ ଅଛି ? ଅଙ୍ଗନୱାଡି କେନ୍ଦ୍ରରେ ଅର୍ନ୍ତଭୁକ୍ତ ନହୋଇ କୌଣସି ବସ୍ତି ଛାଡି ଯାଇଛି କି ?
- ଅଙ୍ଗନୱାଡୀ କେନ୍ଦ୍ରରେ ଅନ୍ତର୍ଭୁକ୍ତ ଅଞ୍ଚଳର ମ୍ୟାପ୍ ଯାହା ସମସ୍ତ ବସ୍ତି ଏବଂ ପ୍ରତ୍ୟେକ ବସ୍ତିର ପ୍ରତ୍ୟେକ ଘରକୁ ସୂଚିତ କରାଉଥିବା ନକ୍ସା ସମସ୍ତଙ୍କ ନିକଟରେ ଅଛି କି ? ପ୍ରତ୍ୟେକ ଘରକୁ ନଂ ଦିଆଯାଇଛି କି ?
- ଶେଷ ଥର କେବେ ଘରକୁ ଘର ସର୍ଭେ କରାଯାଇଥିଲା । ସମସ୍ତଙ୍କ ପାଖରେ Update ହୋଇଥିବା ସର୍ଭେ ରେଜିଷ୍ଟର ଅଛି କି ? ସର୍ଭେ ରେଜିଷ୍ଟରରେ ଥିବା ନଂ ନକ୍ସା ମ୍ୟାପ୍‌ର ନଂ ସହ ମେଳ ହଉଛି କି ?



**ତଥ୍ୟ ଉପରେ ଆଧାର କରି କେଉଁ AWC ର ପରିସୀମା ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ ଓ ଯେତେ ଶୀଘ୍ର କାର୍ଯ୍ୟକ୍ଷେତ୍ର ପରିସୀମା ଚିହ୍ନଟ କରିବା ପାଇଁ Sap/ANM ଙ୍କର ଅବଦାନ/ସହାୟତା ଆବଶ୍ୟକ କରୁଅଛି ନିରୂପଣ କରନ୍ତୁ ଓ ଏହି ବୈଠକ ପରେ ଯଥାଶିଘ୍ର ସମ୍ଭବ ସେଗୁଡିକ ପରିଦର୍ଶନରେ ଯିବାପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ ।**





# ଆମ ନିଜ ଅଞ୍ଚଳର ସମ୍ପୂର୍ଣ୍ଣ ସୂଚନା ଆମ୍ଭ ପାଖରେ ଅଛି କି ?

- ଆପଣଙ୍କ ଅଙ୍ଗନୱାଡିର ସୀମା ନିର୍ଦ୍ଧାରଣ କରାଯାଇଛି କି ?
- ଶେଷ ପରିବାର ସର୍ଭେ କେବେ କରାଯାଇଥିଲା । ଏହା ଠିକ୍ ଭାବରେ ହୋଇଛି କି ?
- ଆମ୍ଭେ କୌଣସି ପରିବାରକୁ ଛାଡି ନଥିବା ନିଶ୍ଚିତ କି ?
- ପଛୁଆ ବର୍ଗର କୌଣସି ପରିବାର ଛାଡି ହୋଇ ନଥିବା ଆମ୍ଭେ ନିଶ୍ଚିତ କି ?





# ଆସନ୍ତା ମାସ ପାଇଁ କାର୍ଯ୍ୟ ପ୍ରସଙ୍ଗ



**ରେଜିଷ୍ଟର-୧ ଏବଂ ନକ୍ସା (Map) update କରିବା ଯଦି ସଂଶୋଧିତ MIS କାର୍ଯ୍ୟକାରୀ ହେଇଛି ନିମ୍ନଲିଖିତ ନିର୍ଦ୍ଦେଶ ଦିଅନ୍ତୁ ।**

**୧. ନକ୍ସା-୧ କୁ ଅଦ୍ୟାବଧି ସମ୍ପୂର୍ଣ୍ଣ କରିବା**

**୨. ପରିବାର ବିବରଣୀ ରେଜିଷ୍ଟର (Reg. No.-1) ଏବଂ ସମସ୍ତ ଗର୍ଭବତୀ ମହିଳାଙ୍କ LMP ଲେଖନ୍ତୁ ଏବଂ EDD ହିସାବ କରି ବାହାର କରନ୍ତୁ ।**

**ଆସନ୍ତା ବୈଠକ ସୁଦ୍ଧା ଏହି ଦୁଇଟି ପ୍ରସ୍ତୁତ ହେବ**

ନକ୍ସା ଏବଂ ରେଜିଷ୍ଟର-୧ କିପରି update ହେବ ସମୟ ନେଇ ବୁଝାନ୍ତୁ । ଏଥି ସକାଶେ ସଂଶୋଧିତ MIS Facilitator's ବ୍ୟବହାର କରନ୍ତୁ ।

ଯଦି ଘରକୁ ଘର ସର୍ଭେ ୨୦୧୭ରେ କରାଯାଇଛଇ (ଏପ୍ରିଲ୍ ମାସରେ କିମ୍ବା ଆଗରୁ କିମ୍ବା ପରେ) ଏପ୍ରିଲ୍ ୨୦୧୮ ପୂର୍ବରୁ ଏହା ପୁନରାବୃତ୍ତି କରିବା ଆବଶ୍ୟକ ନାହିଁ । ଯଦି ୨୦୧୭ରେ update କରାଯାଇ ନଥାଏ ତେବେ ଆସନ୍ତା ମାସରେ update କରାଯିବ ।

ଯେତେବେଳେ ପରିବାର ସର୍ଭେ ବିବରଣୀ ରେଜିଷ୍ଟର update କରଯାଯିବ ସେହି ସମୟରେ ନକ୍ସା (Map) update କରଯାଯିବା ଉଚିତ୍ ।

ବୁଝାନ୍ତୁ ଆମ୍ଭେ ଆସନ୍ତା ବୈଠକରେ ଅନ୍ୟ ରେଜିଷ୍ଟର କରିବାକୁ update ସୂଚନା ବ୍ୟବହାର କରିବା ।

ଆସନ୍ତା ସକାଳେ ସେମାନେ ନକ୍ସା ଓ ରେଜିଷ୍ଟର ଆଣିବା ପାଇଁ କୁହନ୍ତୁ ।





# ଆସନ୍ତା ମାସ ପାଇଁ କାର୍ଯ୍ୟ ପ୍ରସଙ୍ଗ

୧. ପରିବାର ବିବରଣୀ ରେଜିଷ୍ଟର (ରେଜିଷ୍ଟର-୧) କୁ update କରନ୍ତୁ ।

୨. ନକ୍ସା (Map) କରନ୍ତୁ

ଅଂଶଗ୍ରହଣକାରୀଙ୍କୁ କୁହନ୍ତୁ ଆସନ୍ତା ବୈଠକରେ update ହୋଇଥିବା ନକ୍ସା ଏବଂ ରେଜିଷ୍ଟର ସାଙ୍ଗରେ ନେଇ ଆସିବେ ।








# ଆସନ୍ତା ମାସରେ LS/ANM କଣ କରିବେ ?

**କାର୍ଡ ପ୍ରଦର୍ଶନ କରନ୍ତୁ, କାର୍ଡରେ ଥିବା ପ୍ରତ୍ୟେକ ପ୍ରସଙ୍ଗ ଆଲୋଚନା କରନ୍ତୁ ଏବଂ ବର୍ଣ୍ଣନା କରନ୍ତୁ ଆପଣ (LS/ANM) କର୍ମୀଙ୍କୁ ଅସନ୍ତା ମାସରେ କିପରି ସାହାଯ୍ୟ ଓ ସମର୍ଥନ କରିବେ ।**


- ଯେଉଁ AWC ର ସୀମା ନିର୍ଦ୍ଧାରିତ ହୋଇ ନାହିଁ, LS/ANM ସୀମା ଚିହ୍ନଟ କରିବାରେ ସାହାଯ୍ୟ କରିବେ ।
- ଆସନ୍ତା ମାସରେ ଅଧିକରୁ ଅଧିକ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି କାମର ସମୀକ୍ଷା କରିବେ ଏବଂ ପରିବାର ସର୍ଭେରେ ସାହାଯ୍ୟ କରିବେ ।
- ଏହି ପ୍ରକ୍ରିୟାରେ ଆସୁଥିବା ଯେକୌଣସି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ ।



# ଆସନ୍ତା ବୈଠକରେ LS/ANM କଣ କରିବେ ?



- ଅଙ୍ଗନୱାଡୀ କେନ୍ଦ୍ର (AWC) ର ସୀମା ଏବଂ କାର୍ଯ୍ୟ କ୍ଷେତ୍ର (Catchment Area) ଅଞ୍ଚଳ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିବେ ।
- ପରିବାର ସର୍ଭେ ରେଜିଷ୍ଟର ଏବଂ ମ୍ୟାପ୍ କରିବାରେ ସାହାଯ୍ୟ କରିବେ ।
- ଯଦି କୌଣସି ସମସ୍ୟା ଉପୁଜେ ସମାଧାନ କରିବେ ।



୧. ମାସିକ ବୈଠକ କାହିଁକି କରିବା ?

୨. Home visit planner ତିଆରି କରିବା କିମ୍ବା update କରିବା ଏବଂ ଗୃହ ପରିଦର୍ଶନ ଆରମ୍ଭ କରିବା ।

୩. ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଅଙ୍ଗନୱାଡ଼ୀ କେନ୍ଦ୍ରରେ ଯୋଜନା କରିବା ଏବଂ କାର୍ଯ୍ୟକାରୀ କରିବା ।

୪. କାହିଁକି ଏବଂ କିପରି ନବଜାତ ଶିଶୁକୁ ସ୍ତନ୍ୟପାନ କରାଇବେ ।

୫. ଦୁର୍ବଳ ନବଜାତ ଶିଶୁର ଚିହ୍ନଟିକରଣ ଏବଂ ଯତ୍ନ ।

୬. ବିଭିନ୍ନ ପ୍ରକାର ପରିପୂରକ ଖାଦ୍ୟର ପରିପୂରକ ଖାଦ୍ୟାଭାଷ ।

୭. ମହିଳାଙ୍କ ରକ୍ତହୀନତା ନିରାକରଣ ।

୮. ଶିଶୁମାନଙ୍କ ବୃଦ୍ଧି ନିରୀକ୍ଷଣ ।

୯. କେବଳ ମା'କ୍ଷୀର ନିଶ୍ଚିତ କରିବା ।

୧୦. ପରିପୂରକ ଖାଦ୍ୟ ଅଧିକ ଥର ଦେବା ନିଶ୍ଚିତ କରିବା ।

୧୧. ଦୁର୍ବଳ ନବଜାତ ଶିଶୁଙ୍କ ଯତ୍ନ - କେତେଜଣ ଦୁର୍ବଳ ଶିଶୁ ଆମେ ଛାଡିଦେଲେ ।

୧୨. ସଠିକ୍ ସମୟରେ କିପରି ପରିପୂରକ ଖାଦ୍ୟ ଆରମ୍ଭ ହେବ ନିଶ୍ଚିତ କରିବା ।

୧୩. ଅତିଶୟ ପୁଷ୍ଟିହୀନ ଶିଶୁ ଚିହ୍ନଟିକରଣ ଏବଂ ଦୂରୀକରଣ ।

୧୪. ଅସୁସ୍ଥତା ସମୟରେ ଖାଦ୍ୟାଭାଷ ।

୧୫. ମା'ର ସ୍ତନପାନ ଜନିତ ସମସ୍ୟାରେ ସହାୟକ ହେବା ।

୧୬. କଙ୍ଗାରୁ କେୟାର ମାଧ୍ୟମରେ ଦୁର୍ବଳ ନବଜାତ ଶିଶୁର କିପରି ଯତ୍ନ ନେବା ।

୧୭. ରୁଗ୍ଣ ନବଜାତ ଶିଶୁର ଚିହ୍ନଟିକରଣ ଏବଂ ପରାମର୍ଶ ସେବା ପାଇଁ ପ୍ରେରଣ ।

୧୮. ପୁଷ୍ଟିହୀନତା ଏବଂ ମୃତ୍ୟୁକୁ ରୋକିବା ପାଇଁ ଅସୁସ୍ଥତା ଦୂରୀକରଣ ।

୧୯. ବାଳିକା ଏବଂ କିଶୋରୀଙ୍କ ରକ୍ତହୀନତା ନିରାକରଣ ।

୨୦. ପ୍ରସବ ପୂର୍ବ ପ୍ରସ୍ତୁତି ଡାକ୍ତରଖାନା ଏବଂ ଗୃହ ପ୍ରସବ ନିମନ୍ତେ ।

୨୧. ଗର୍ଭବସ୍ଥା ସମୟରେ ପ୍ରସ୍ତୁତି - ନବଜାତ ଯତ୍ନ ଏବଂ ପରିବାର ନିୟନ୍ତ୍ରଣ ଯୋଜନା ।

